# Telephone Conversation between PM and Prime Minister of Bhutan

April 16, 2020

# ପ୍ରଧାନମନ୍ତ୍ରୀ ଏବଂ ଭୁଟାନର ପ୍ରଧାନମନ୍ତ୍ରୀଙ୍କ ମଧ୍ୟରେ ଟେଲିଫୋନରେ କଥାବାର୍ତ୍ତା

ଏପ୍ରିଲ୍ 16, 2020

ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆଜି ଭୁଟାନ ରାଜ୍ୟର ପ୍ରଧାନମନ୍ତ୍ରୀ ମାନ୍ୟବର ଡ଼ା. ଲୋଟେ ସେରିଙ୍ଗ୍ (ଲୋଞ୍ଚେନ୍) ଙ୍କ ସହିତ ଫୋନରେ କଥା ହୋଇଥିଲେ।

COVID-19 ମହାମାରୀକୁ ଧ୍ୟାନରେ ରଖି ଆଞ୍ଚଳିକ ପରିସ୍ଥିତି ଉପରେ ଦୁଇ ଜଣ ପ୍ରଧାନମନ୍ତ୍ରୀ ଆଲୋଚନା କରିଥିଲେ ଏବଂ ଏହାର ପ୍ରଭାବକୁ ନିୟନ୍ତ୍ରଣ କରିବା ପାଇଁ ସେମାନଙ୍କ ସରକାର ଗ୍ରହଣ କରୁଥିବା ପଦକ୍ଷେପ ବିଷୟରେ ପରସ୍ପରକୁ ଅବଗତ କରିଥିଲେ।

ମାନ୍ୟବର ଭୁଟାନର ରାଜା ଏବଂ ଲୋଞ୍ଚେନ୍ ଡ଼ା ସେରିଙ୍ଗ୍ କିପରି ଭାବରେ ଦେଶ ମଧ୍ୟରେ ସଂକ୍ରମଣର ବିସ୍ତାରକୁ ସୀମିତ କରିବା ପାଇଁ ସାମନାରୁ ନେତୃତ୍ୱ ନେଇ ଆଗେଇ ନେଇଛନ୍ତି ସେଥିପାଇଁ ପ୍ରଧାନମନ୍ତ୍ରୀ ତାଙ୍କର ପ୍ରଶଂସା କରିଛନ୍ତି।

ଲୋଞ୍ଚେନ୍ ଡ଼ା ସେରିଙ୍ଗ୍ ଭାରତ ପରି ଏକ ବଡ ତଥା ଜଟିଳ ଦେଶ ଭିତରେ ମହାମାରୀ ବିରୁଦ୍ଧରେ ଲଢିବା ସହିତ ଆଞ୍ଚଳିକ ସ୍ତରରେ COVID ବିରୋଧୀ ସମନ୍ୱୟକୁ ରକ୍ଷା କରିବାରେ ନେତୃତ୍ୱ ନେଇଥିବାରୁ ପ୍ରଧାନମନ୍ତ୍ରୀ ଲୋଞ୍ଚେନ୍ ଡ଼ା ସେରିଙ୍ଗ୍ ଙ୍କୁ ଧନ୍ୟବାଦ ଜଣାଇଛନ୍ତି।

ମାର୍ଚ୍ଚ 15 ରେ SAARC ଦେଶର ନେତାମାନଙ୍କ ମଧ୍ୟରେ ସହମତ ହୋଇଥିବା ବିଶେଷ ବ୍ୟବସ୍ଥା କାର୍ଯ୍ୟକାରୀ କରିବାରେ ହୋଇଥିବା ପ୍ରଗତି ଉପରେ ନେତାମାନେ ଖୁସି ବ୍ୟକ୍ତ କରିଥିଲେ।

ପ୍ରଧାନମନ୍ତ୍ରୀ ଭାରତ-ଭୁଟାନ ସମ୍ପର୍କର କାଳଜୟୀ ତଥା ବିଶେଷ ପ୍ରକୃତି ବିଷୟରେ ଉଲ୍ଲେଖ କରି ଲୋଞ୍ଚେନ୍ ଙ୍କୁ ଆଶ୍ୱାସନା ଦେଇଛନ୍ତି ଯେ ମହାମାରୀର ସ୍ୱାସ୍ଥ୍ୟ ଏବଂ ଅର୍ଥନୈତିକ ପ୍ରଭାବକୁ ହ୍ରାସ କରିବା ପାଇଁ ଭାରତ ଭୁଟାନକୁ ସମସ୍ତ ସମ୍ଭାବ୍ୟ ସମର୍ଥନ ନିଶ୍ଚିତ କରିବ।

ପ୍ରଧାନମନ୍ତ୍ରୀ ମାନ୍ୟବର ଦି କିଙ୍ଗ, ଲୋଞ୍ଚେନ୍ ଡ଼ା. ସେରିଙ୍ଗ୍ ଏବଂ ଡ୍ରୁକ୍ ୟୁଲର ସମସ୍ତ ବନ୍ଧୁତ୍ୱପୂର୍ଣ୍ଣ ବ୍ୟକ୍ତିଙ୍କର ସ୍ୱାସ୍ଥ୍ୟ ଏବଂ ମଙ୍ଗଳ ପାଇଁ ନିଜର ଶୁଭେଚ୍ଛା ଜଣାଇଛନ୍ତି।

**ନୂଆ ଦିଲ୍ଲୀ**
**ଏପ୍ରିଲ୍ 16, 2020**

DISCLAIMER: This is an approximate translation. The original is available in English on MEA’s website and may be referred to as the official press release.